# କବାଟବନ୍ଧ ମେଡ଼ିକାଲ-ଦଳଗାଁ ଛକ ରାସ୍ତା ଶୋଚନୀୟ



**କବାଟବନ୍ଧ, ୭।୭ (ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ମେଡ଼ିକାଲଠାରୁ ଦଳଗାଁ ଛକ ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। କବାଟବନ୍ଧ ମେଡ଼ିକାଲଠାରୁ ଏହା ୫୩ ନମ୍ବର ଜାତୀୟ ରାଜପଥକୁ ଦଳ ଗାଁ ଛକ ନିକଟରେ ସଂଯୋଗ କରୁଛି। ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ବହୁ ପୂର୍ବେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଦୀର୍ଘଦିନ ହେବ ମରାମତି କରାଯାଇନାହିଁ। ଫଳରେ ଉକ୍ତ ରାସ୍ତା ବହୁ ସ୍ଥାନରେ ଖାଲ ହୋଇ ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ପାଣି ଜମି ରହୁଛି। କବାଟବନ୍ଧ ମେଡ଼ିକାଲକୁ ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଦୈନିକ ଶହ ଶହ ରୋଗୀଙ୍କ ସମେତ ସାଧାରଣ ଲୋକ ଯାତାୟାତ କରିଥା'ନ୍ତି। ଗୁରୁତର ରୋଗୀଙ୍କୁ ମେଡ଼ିକାଲକୁ ଯିବାଆସିବା କରୁଥିବା ଆମ୍ବୁଲାନ୍ସ ପାଇଁ ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଆମ୍ବୁଲାନ୍ସ ଓ ରୋଗୀଙ୍କ ଯାତାୟାତ ପାଇଁ ବହୁ ଅସୁବିଧା ହେଉଛି। ଦୈନିକ ଏହି ରାସ୍ତା ଦେଇ ସ୍କୁଲ କଲେଜ ଛାତ୍ରଛାତ୍ରୀ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ରାସ୍ତା ଖରାପ କାରଣରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। କବାଟବନ୍ଧ ଏକ ମୁଖ୍ୟ ବଜାର ହୋଇଥିବାବେଳେ ବ୍ୟାଙ୍କ, ସ୍କୁଲ, କଲେଜ, ସାପ୍ତାହିକ ହାଟ ପାଇଁ ଏହା ବ୍ୟସ୍ତ ସଡ଼କ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ରାସ୍ତାର ଏଭଳି ଶୋଚନୀୟ ଅବସ୍ଥା ପାଇଁ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

### ଧର୍ମଶାଳା ମହାବିଦ୍ୟାଳୟ



**ଜାରକା, ୭।୭( ସମିସ):** ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଆୟୋଜିତ ହୋଇଛି। ଏ ଅବସରରେ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଓ ସ୍କାଉଟ/ଗାଇଡର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ଚାରାରୋପଣ କରାଯାଇଥିବାବେଳେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରୟନାଥ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ବନ ମହୋତ୍ସବ ସପ୍ତାହ ପାଳନ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ ପଣ୍ଡା ମୁଖ୍ୟବକ୍ତା ଓ ପୂର୍ବତନ ଅଧ୍ୟକ୍ଷ ଜୟନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ମଣିଷ ଗୋଟିଏ ଗୋଟିଏ ଚାରା ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ଡ. ବସନ୍ତ ତ୍ରିପାଠୀ ଯୋଗଦେଇ ବନ ମହୋତ୍ସବ ସପ୍ତାହର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଅରବିନ୍ଦ ମହାନ୍ତି, ସୁରେଶ ଦାସ, ମାନସ ଷଡଙ୍ଗୀ, ଅଧ୍ୟାପିକା ଲିନା ରାୟ, ଡ. ସସ୍ମିତା ସାମଲ, ଆରାଧନା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ପୀତବାସ କର ପ୍ରାରମ୍ଭିକ ସୂଚନା ଏବଂ ଅଧ୍ୟାପକ ପିନାକ ପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### ବରୁଣେଶ୍ୱର ବିଦ୍ୟାଳୟ



**ବିଂଝାରପୁର, ୭।୭(ସମିସ):** ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପାଠୀଙ୍କ ନେତୃତ୍ୱରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉଦୟ ଭାନୁ ନାୟକ, ପୂର୍ବତନ ସଭାପତି ପ୍ରସନ୍ନ କୁମାର ପରିଡ଼ା, ପରିଚାଳନା କମିଟି ସଭ୍ୟସଭ୍ୟା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସହଯୋଗ କରିଥିଲେ।

### ଶୋଭନୀୟ ଶିକ୍ଷାଶ୍ରମ



**ଯାଜପୁର, ୭।୭(ସମିସ):** ବଡ଼ଚଣା ବ୍ଲକର ଯୁଗ ସ୍ରଷ୍ଟା ଶୋଭାନୀୟ ଶିକ୍ଷାଶ୍ରମରେ ଜିଲ୍ଲା ପରିବେଶ ସମିତି ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ ଆଶ୍ରମର ଅଧ୍ୟକ୍ଷା ଓ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାହସପୁର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପିକା ପ୍ରିୟମ୍ବଦା ମହାନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଉପପରିବେଶ ଯନ୍ତ୍ରୀ ମହେଶ୍ୱର ବେହେରା ମୁଖ୍ୟବକ୍ତା ଓ ମୁଖ୍ୟଅତିଥି ରୂପେ ଯୋଗଦେଇ ବନ ମହୋତ୍ସବ ସପ୍ତାହ ପାଳନ ଓ ପରିବେଶ ସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବରୀ ବ୍ଲକର ସହ ଉଦ୍ୟାନବିତ ଶୁଭଶ୍ରୀ ଶୁଭଦର୍ଶିନୀ, ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଷ୍ଣୁଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡଃ ମହେଶ୍ୱର ଜେନାସାମନ୍ତ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ସମିତିର ସମ୍ପାଦକ ଡଃ ଶରତ କୁମାର ସାହୁ ବନ ମହୋତ୍ସବ ସପ୍ତାହ ପାଳନ ଓ ପରିବେଶ ସୁରକ୍ଷାର ଉଦ୍ଦେଶ୍ୟ ଓ ଆମର କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାତଃ ସମୟରେ ସ୍ଥାନୀୟ ନିକଟତମ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯନ୍ତ୍ରୀ ମହେଶ୍ୱର ବେହେରା ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅତିଥିଙ୍କୁ ସବୁଜ ପରିବେଶ ଶପଥ ପାଠ କରାଇଥିଲେ। ଶିକ୍ଷିତ୍ରୀ ବରଦା ମହାନ୍ତି ଓ ଆଶ୍ରମର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ବନ ମହୋତ୍ସବ ସପ୍ତାହ ପାଳନରେ ସହଯୋଗ କରିଥିଲେ। ଶେଷରେ ବରଦା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।

### ମା' ତାରିଣୀ କଲେଜ

**ପାଣିକୋଇଲି, ୭।୭(ସମିସ):** ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପାଣିକୋଇଲିସ୍ଥ ମା' ତାରିଣୀ କଲେଜରେ ଚାରା ରୋପଣ କରାଯାଇଛି। ଅଧ୍ୟକ୍ଷ



ପାର୍ଥସାରଥି ବିଶ୍ୱାଳଙ୍କ ନେତୃତ୍ୱରେ ଅଧ୍ୟାପକ ସମରେନ୍ଦ୍ର ଦାଶ, ସୁଶାନ୍ତ କୁମାର ପଣ୍ଡା, ବଳରାମ ପଣ୍ଡା, ରବୀନ୍ଦ୍ର କୁମାର ଦାଶ, ବିଦ୍ୟାଧର ବେହେରା, ଗୌରହରି ମହାପାତ୍ର, ତୁଷାର ରଞ୍ଜନ ପୁହାଣ, ଅଧ୍ୟାପିକା ବସନ୍ତ ମଞ୍ଜରୀ ସାହୁ, କଲ୍ୟାଣୀ ସାମଲ, ପ୍ରଭାମୟୀ ସାମଲ, ସାରଳା ଦାଶ, ମନୀଷା ଖୁଣ୍ଟିଆ ଓ କର୍ମଚାରୀ ମଧୁସୂଦନ ପଣ୍ଡା, ମହେଶ୍ୱର ସେଠୀ, କେଶବ ଜ୍ୟୋତିଷ, ହିମାଦ୍ରୀନାଥ ଦାସ, ନକୁଳ ବେହେରା, ନୟନୀ ଖଣ୍ଡାଇ, ରମାକାନ୍ତ ଜେନା, ଗୟାଧର ଧଳ ପ୍ରମୁଖ ଯୋଗ ଦେଇଥିଲେ।

## ରେଳ ସଂଗ୍ରାମ ସମିତି ପକ୍ଷରୁ ଶ୍ରୀପୁରା-ନନ୍ଦିପୁର ଷ୍ଟେସନ କମିଟି ଗଠିତ

**ଦଶରଥପୁର, ୭।୭(ସମିସ)**



ଯାଜପୁରରୋଡ-ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ଦଶରଥପୁର ବ୍ଲକ ଶ୍ରୀପୁରା-ନନ୍ଦିପୁର ଷ୍ଟେସନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଳରାମ ତ୍ରିପାଠୀଙ୍କ ସଭାପତିତ୍ୱରେ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରେଳ ସଂଗ୍ରାମ ସମିତି ଆବାହକ ସନ୍ତୋଷ ଦାସ, ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ସୁରେନ୍ଦ୍ର ରାୟ, ମଳୟ ପଣ୍ଡା, ମୋନାର ବ୍ଲକ ସଭାପତି ଦୁର୍ଗାଚରଣ ବାରିକ, ବରିଷ୍ଠ ଆଇନଜୀବୀ ସତ୍ୟପ୍ରକାଶ ବେହୁରିଆ ପ୍ରମୁଖ ଯୋଗଦାନ କରିଥିଲେ। ଆବାହକ ଶ୍ରୀ ଦାସ ଯାଜପୁରରୋଡ୍-ଧାମରା ରେଳପଥ ହେଲେ ଏ ଅଞ୍ଚଳର କିଭଳି ବିକାଶ ହୋଇପାରିବ, ସେ ସମ୍ପର୍କରେ ମୂଲ୍ୟବାନ ମତ ରଖିଥିଲେ। ଅଞ୍ଚଳବାସୀଙ୍କ ପକ୍ଷରୁ ବିଷ୍ଣୁ ଚରଣ ଧଳ, ପ୍ରମୋଦ ମହାନ୍ତି, ଆନନ୍ଦ ସେଠୀ, ଦିପୁ ପଣ୍ଡା, ଡ. ଶାନ୍ତନୁ ନାୟକ, ଦେବେନ୍ଦ୍ର ନାୟକ, ବିଜୟ କେତନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଉକ୍ତ ଆନ୍ଦୋଳନକୁ ଦୀର୍ଘ ସ୍ଥାୟୀ କରିବାକୁ ଏକ କମିଟି ଗଠନ କରାଯାଇଥିଲା। ଦିଲ୍ଲୀପ ଦଳାଇ ଆବାହକ, ବିଷ୍ଣୁଚରଣ ଧଳ ସଭାପତି, ବିଜୟ ମହାପାତ୍ର ଉପସଭାପତି, ଗୋପାଳ ଦେବତା ସମ୍ପାଦକ, ଦେବେନ୍ଦ୍ର ନାୟକ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ସେହିପରି ନରେଶ ଦାସ, ଶରତ ଦାସ, ବୈକୁଣ୍ଠ ବିହାରୀ ପଣ୍ଡା, ସନ୍ତୋଷ ଦାସ, ରବିନାରାୟଣ ସାହୁ, ପ୍ରସନ୍ନ ମହାନ୍ତି, ରମେଶ ଦେବତା, ସତ୍ୟଜିତ ନାୟକ, ବନମାଳୀ ମହାନ୍ତି, ଶୁକଦେବ ଦାସ, ଚିତ୍ତରଞ୍ଜନ ପରିଡ଼ା, ହୃଷିକେଶ ଯେନା ପ୍ରମୁଖଙ୍କୁ ନେଇ ଏକ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ବଳରାମ ତ୍ରିପାଠୀ, ପ୍ରମୋଦ କୁମାର ମହାନ୍ତି, ଦେବେନ୍ଦ୍ର ପଣ୍ଡା ଓ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କୁ ନେଇ ଏକ ମାର୍ଗଦର୍ଶକ ମଣ୍ଡଳୀ ଗଠନ କରାଯାଇଥିଲା। ସଂଗଠନର ଆବଶ୍ୟକତା ଦୃଷ୍ଟିରୁ ସଂଗ୍ରାମ ପାଣ୍ଠି ସଂଗ୍ରହ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଅଦ୍ୱୈତ ପ୍ରସାଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ମୌସୁମୀ ଅଧିବେଶନ



**ପାଣିକୋଇଲି, ୭।୭(ସମିସ):** ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଞ୍ଚର ମୌସୁମୀ ଅଧିବେଶନ ନୃସିଂହ ଚରଣ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ବିବରଣୀ ପାଠ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତ ଜୁଲାଇ ମାସରେ ଜନ୍ମିତ ସଭ୍ୟଙ୍କ ମଧ୍ୟରୁ ଉପସ୍ଥିତ ଉପଦେଷ୍ଟା ରାମଚନ୍ଦ୍ର ବେହେରା, ପ୍ରାଧ୍ୟାପକ ଡଃ ଦାମୋଦର ମହାପାତ୍ର ଓ ସଭ୍ୟ ଦେବେନ୍ଦ୍ର କିଶୋର ରାୟଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ସଭ୍ୟମାନେ ସେମାନଙ୍କ ନିରାମୟ ଦୀର୍ଘଜୀବନ କାମନା କରିଥିଲେ। ପରେ ଆର୍ଟ ଅଫ୍ ଗିଭିଂ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡଃ ମହାପାତ୍ର ଓ ଶ୍ରୀ ରାୟ ମଣିଷ କେବଳ ନିଜ ପାଇଁ ନୁହେଁ ଅନ୍ୟ ପାଇଁ ବଞ୍ଚିବା ଉଚିତ ଓ ଏହା ଭାରତୀୟ ଦର୍ଶନର ପରମ୍ପରା ବୋଲି ଉଲ୍ଲେଖ କରିଥିଲେ। କେବଳ ମଣିଷ ନୁହେଁ ପକ୍ଷୀଙ୍କର ମଧ୍ୟ ଅନ୍ୟମାନଙ୍କ ପ୍ରତି ଆବେଗ ଓ ଉଦବେଗ ଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟାନନ୍ଦ ମହାରଣା, ମୁରଲୀଧର ଖଣ୍ଡାଇ, ସତ୍ୟରଞ୍ଜନ ସ୍ୱାଇଁ, ବୃନ୍ଦାବନ ଜେନା, ଗୌରାଙ୍ଗ ଚରଣ ବାରିକ, ପ୍ରହ୍ଲାଦ ଜେନା, ରବୀନ୍ଦ୍ର ସାହୁ, ରାମଚନ୍ଦ୍ର ମଲ୍ଲିକ, ତ୍ରୈଲୋକ୍ୟ ମହାପାତ୍ର, ଅକ୍ଷୟ ସ୍ୱାଇଁ, ନରେନ୍ଦ୍ର ଘଡ଼ାଇ, ଚନ୍ଦ୍ରମଣି ସ୍ୱାଇଁ, ଅଭିରାମ ବାରିକ, ଭରତ ଚନ୍ଦ୍ର ବାରିକ, ସୁଦର୍ଶନ ପହି ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଚାରାରୋପଣ କରାଯାଇଥିଲା। ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଭାଷା ସାହିତ୍ୟ ପ୍ରତିଯୋଗିତା

**ଯାଜପୁର, ୭।୭(ସମିସ):** ଯାଜପୁର ମ୍ୟୁନିସିପାଲ ହାଇସ୍କୁଲରେ ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାର କନିଷ୍ଠ ଓ ବରିଷ୍ଠ ବିଭାଗରେ ୧୦ଟି ବ୍ଲକରୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବକ୍ତୃତା, ଓଡ଼ିଆ ପ୍ରବନ୍ଧ, କବିତା ଆବୃତ୍ତି, ସାଧାରଣ ଜ୍ଞାନ ସହ ଇଂରାଜୀରୁ ଓଡ଼ିଆ ଅନୁବାଦ ଭଳି ଚାରୋଟି ବିଭାଗରୁ ୧ମ, ୨ୟ ଓ ୩ୟ ସ୍ତର ଚୟନ କରାଯାଇଥିଲା। ବିଚାରକ ରୂପେ ପଣ୍ଡିତ ଡଃ ଜ୍ଞାନରଞ୍ଜନ ପତି, ବିଷ୍ଣୁଚରଣ ଲେଙ୍କା, ମନ୍ମଥ ରାୟ, ଡଃ ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଅପରାହ୍ନରେ ପୁରସ୍କାର



ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ଓ ସମ୍ମାନିତ ଅତିଥି ରୂପେ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ କୁମାରସେନ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ, ସହକାରୀ ଶିକ୍ଷକ ହେମନ୍ତ ସାହୁ, ପ୍ରତାପ କୁମାର ମିଶ୍ର, ଇପ୍‌ସିତା ସାହୁ, ସୌମ୍ୟାରାଣୀ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୪୫ ଆଦିବାସୀ ପରିବାରକୁ ପଟ୍ଟା ବଣ୍ଟନ

**କୋରେଇ, ୭।୭(ସମିସ)**



୨୦୦୮ରୁ ଜଙ୍ଗଲ ଜମି ଅଧିକାର ଆଇନ ଓଡ଼ିଶାରେ ଲାଗୁ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୨ରେ ଅନୁଷ୍ଠିତ ହୋଇଥିବା 'ଟ୍ରାଇବାଲ ଆଡଭାଇଜରୀ କାଉନସିଲ' ବୈଠକରେ ଘୋଷଣା କରିଥିଲେ ଓଡ଼ିଶାର ସମସ୍ତ ଭୂମିହୀନ ଆଦିବାସୀଙ୍କୁ ସରକାର ଜମି ଅଧିକାର ପ୍ରଦାନ କରିବେ। ତେଣୁ ପର୍ଯ୍ୟାୟ କ୍ରମେ ଏହି ଜମିପଟ୍ଟା ଓଡ଼ିଶାର ବହୁ ସ୍ଥାନରେ ବଣ୍ଟା ଯାଉଥିବାବେଳେ ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତ ଗୋହିରାଗଡ଼ିଆର ଭାଲୁକାହୁଡି ଓ ହୁଡିସାହିରେ ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତଙ୍କ ଉପସ୍ଥିତିରେ କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ୪୫ଜଣ ଭୂମିହୀନ ଜନଜାତି ଆଦିବାସୀ ପରିବାରକୁ ୪ ଡିସିମିଲ ଲେଖାଏଁ ଘରଡିହ ପଟ୍ଟା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରଆଇ ରବୀନ୍ଦ୍ର ସାହୁ, ଅନ୍ୟ ସରକାରୀ କର୍ମଚାରୀ ସହଯୋଗ କରିଥିବାବେଳେ ସ୍ଥାନୀୟ ସରପଞ୍ଚ ରଞ୍ଜନ ଦାସ, ସମିତିସଭ୍ୟ କୁଶ ମୁଣ୍ଡା, ବରିଷ୍ଠ ନେତା ମନ୍ମଥ ନାୟକ, ଦୀପ୍ତିମୟୀ କୁଅଁର, ବସନ୍ତ କୁମାର କର, ନିତ୍ୟାନନ୍ଦ ସାହୁ, ରବିନାରାୟଣ ଦାସ, ପ୍ରକାଶ ନାୟକ, ଚନ୍ଦ୍ରକାନ୍ତ ଭୂୟାଁ, ମଦନମୋହନ କର, ବିଜୟ ବେହେରା, ରଘୁନାଥ ନାୟକ, ବିଜୟ ପୃଷ୍ଟି, ଶେଷଦେବ ସାହୁ, ଅରୁଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ସମାବେଶ



**ଜାରକା, ୭।୭(ସମିସ):** ଧର୍ମଶାଳା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ସମାବେଶ ଜାରକାସ୍ଥ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଶାତରୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜିଲ୍ଲା ସଭାପତି ରବି ଶତପଥୀ, ଜିଲ୍ଲା ସମ୍ପାଦକ ବିବେକାନନ୍ଦ ନାୟକ, ଉପଦେଷ୍ଟା ରମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଶେଷକରି ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଚିକିତ୍ସା ଭତ୍ତା, ସ୍ୱାସ୍ଥ୍ୟ ବୀମା କରିବାକୁ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ଏଥିସହ ଧର୍ମଶାଳା ବ୍ଲକ ସଂଘର ଏକ ସ୍ଥାୟୀ ଗୃହ ନିର୍ମାଣ କରିବାକୁ ସଂଘର ସଦସ୍ୟ ଡ. ରାଜକିଶୋର ପାଢ଼ୀ, ଅଭିରାମ ନନ୍ଦ, ଇଂ ନିରଞ୍ଜନ ମିଶ୍ର, ବିଭୂତି ଭୂଷଣ ପାଳ, ଅନନ୍ତ ଚରଣ ରାଉତ, କୁଳମଣି ନାୟକ, ଶିବ ପ୍ରସାଦ ଜେନା, କୁଳମଣି ଦାସ, ଶଶୀଭୂଷଣ ଦ୍ୱାରୀ ପ୍ରମୁଖ ବିଧାୟକଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସଂଘର ଦାବି ପୂରଣ କରିବା ନିମନ୍ତେ ଉଦ୍ୟମ କରିବାକୁ ବିଧାୟକ ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଏ ଅବସରରେ ସଂଘ ପକ୍ଷରୁ ବିଧାୟକ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ କୁମାର ମିଶ୍ର ମାନପତ୍ର ପାଠ କରିଥିଲେ। ପଣ୍ଡିତ ବିଜୟ କର ମଙ୍ଗଳାଚରଣ ଆବୃତ୍ତି କରିଥିଲେ। ବ୍ଲକ ସଂଘ ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ ସୂଚନା ପ୍ରଦାନ କରିଥିବାବେଳେ ଡ. ପ୍ରଶାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ବ୍ରଜକିଶୋର ଦାଶ ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ସମ୍ମିଳନୀ



**ଦଶରଥପୁର, ୭।୭(ସମିସ):** ଦଶରଥପୁର ବ୍ଲକ କଣ୍ଟାବଣିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ବ୍ଲକସ୍ତରୀୟ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ସଭାକୁ ଜିଲ୍ଲା ଶିକ୍ଷାଧିକାରିଣୀ ନିବେଦିତା ପାଣି ଶୁଭାରମ୍ଭ କରିବା ସହ ବ୍ଲକର ସମସ୍ତ ପ୍ରଧାନଶିକ୍ଷକଙ୍କୁ ନାରୀ ଶିକ୍ଷାର ମହତ୍ତ୍ୱ ତଥା ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ବିକାଶ ନିମନ୍ତେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଆଲୋଚନା ସଭାରେ ଦଶରଥପୁର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅଜିତ ଜେନା, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦାପ୍ରସାଦ ରଣା, ନୋଡାଲ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାମଲ, ପ୍ରାକ୍ତନ ଡିଏସ୍‌ଏସ୍ ବିଷ୍ଣୁଚରଣ ପଣ୍ଡା, କଣ୍ଟାବଣିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପତରୁ ସାମଲ ପ୍ରମୁଖ ବହୁ ଉପାଦେୟ ମତ ପ୍ରକାଶ କରିଥିଲେ। ଏହି ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦେଇଥିଲେ।

## ରକ୍ତଦାନ ଶିବିର; ୮୭ ୟୁନିଟ୍ ସଂଗୃହୀତ



**ବାଲିଚନ୍ଦ୍ରପୁର, ୭।୭(ସମିସ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର ଅସହାୟର ସାଥି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ ହୋଇଯାଇଛି। କଟକସ୍ଥ କେନ୍ଦ୍ରୀୟ ରେଡକ୍ରସର ଡାକ୍ତର କିଶୋର ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ରେକର୍ଡ ସଂଖ୍ୟକ ୮୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମାଜସେବୀ ତଥା ଆଇସିଥ୍ରୀଇର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା. ରଶ୍ମିରଞ୍ଜନ ପଶାୟତ, ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଲଳିତମୋହନ ନନ୍ଦ ଓ ସମ୍ମାନିତ ଅତିଥି ଭାବେ ବାଲିଚନ୍ଦ୍ରପୁର ସହକାରୀ ଥାନା ଅଧିକାରୀ ସୁରଜ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ଡ. ମାନସୀ ମିଶ୍ର, ସମାଜସେବୀ ପଦ୍ମଲୋଚନ ମହାପାତ୍ର, ଶିକ୍ଷକ ବଟକୃଷ୍ଣ ସ୍ୱାଇଁ, ପ୍ରଧାନଶିକ୍ଷକ ନିର୍ମଳ ଦଳାଇ, ମହାବାହୁ ଗ୍ରୁପର ପ୍ରତିଷ୍ଠାତା ଶିବପ୍ରସାଦ ସାମଲ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ଶିକ୍ଷକ ହିମାଂଶୁ ଭୂଷଣ ଜେନା ରକ୍ତଦାନ କରିବା ସହ ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଅସହାୟର ସାଥି ପରିବାରର ସଭାପତି ପ୍ରଦୀପ ଦାଶ ସ୍ୱାଗତ ଭାଷଣ ଓ ସମ୍ପାଦକ ଅବିନାଶ ପାଢ଼ୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ବିଶ୍ୱଜିତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ରମାକାନ୍ତ ପ୍ରଧାନ, ମଳୟ ଦାଶ, ଭକ୍ତପ୍ରିୟା ଦାସ, ଶୁଭଲକ୍ଷ୍ମୀ ଜେନା, ଆକିବ ଜାଭେଦ ପ୍ରମୁଖ ସହଯୋଗ କରିଥିଲେ।

## ଭିଏନ୍ କଲେଜର ପ୍ରତିଷ୍ଠା ଦିବସ



**ବ୍ୟାସନଗର, ୭।୭(ସମିସ):** ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ପରିଷଦ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଥିବା ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଆଲୁମ୍ନିର ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମହାଳିକ, ଉପସଭାପତି ପ୍ରଫୁଲ୍ଲ ନାୟକ ଡଃ କୁଶଚନ୍ଦ୍ର ପ୍ରଧାନ, ମହାବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ପ୍ରମୁଖ ମହାବିଦ୍ୟାଳୟର ପ୍ରତିଷ୍ଠା ଓ ଏହାର ମାନ୍ୟତା ଉପରେ ଆଲୋକପାତ କରିବା ସହିତ ଆଲୁମ୍ନିର ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। କୁଞ୍ଜବିହାରୀ ମହାନ୍ତି, ଟୁଲଟୁଲ ଜେନା, ଅଶୋକ ନାୟକ ଓ ଅଧ୍ୟାପକ ସନାତନ ଦାସ, ପୁମପୁମ ଦାସ, ବିବେକାନନ୍ଦ ଜେନା, ରଞ୍ଜିତ ପହି, ଗୋଲଖ ବିହାରୀ ମହାକୁଡ଼, ଅମୂଲ୍ୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜମିବାଡି ବିବାଦକୁ ନେଇ ଆକ୍ରମଣ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ଯୁବକ ମୃତ

ତିହିଡ଼ି, ୭।୭(ସମିସ)

ତିହିଡ଼ି ଥାନା ବୋଡକ ପଞ୍ଚାୟତ ଅଣ୍ଡରେଇ ଗାଁରେ ଜମିବାଡିକୁ ନେଇ ହୋଇଥିବା ଗଣ୍ଡଗୋଳରେ ଜଣେ ଯୁବକ ଗୁରୁତର ଆହତ ହୋଇ କଟକରେ ଆଇସିୟୁରେ ଚିକିତ୍ସାଧୀନ ଥିଲେ। ସେ ମୃତ୍ୟୁ ସହ ସଂଗ୍ରାମ କରୁଥିଲେ। ଡାକ୍ତରଙ୍କ କହିବା ଅନୁଯାୟୀ ଆକ୍ରମଣରେ ଆହତ ହେବା ପରେ ପରେ ତାଙ୍କର 'ବ୍ରେନ ଡେଡ୍' ହୋଇଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ୬ ଦିନ ପରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ଶିବ ପ୍ରସାଦ ଜେନାଙ୍କ ପୁଅ ଶ୍ରୀଧର ଜେନା(୨୧) ବୋଲି ଜଣାଯାଇଛି। ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗରେ ୬ ଜଣ ଅଭିଯୁକ୍ତଙ୍କୁ ଗତ ୩ ତାରିଖରେ ପୁଲିସ ଗିରଫ୍ କରି କୋର୍ଟଚାଲାଣ କରିଥିଲା। ପ୍ରଧାନମନ୍ତ୍ରୀ ଆବାସ ପାଇଁ ଏକ ନଡ଼ିଆ ଗଛ କାଟିବାକୁ ଯାଇଥିବା ବେଳେ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଆହତ ଯୁବକଙ୍କ ବଡ଼ବାପା ଦେବେନ୍ଦ୍ର ଜେନା, ବଡ଼ ମାଆ ମାନସୀ ଜେନାଙ୍କୁ ଗିରଫ କରାଯିବା ସହ ସେମାନଙ୍କର ସମ୍ପର୍କୀୟ ତାଳପଦା ଗ୍ରାମର ନିରଞ୍ଜନ ଜେନା, ତାଙ୍କ ସ୍ତ୍ରୀ ସୁଲୋଚନା ଜେନା, କୁବେରା ଗ୍ରାମର ସୁକାନ୍ତି ଜେନା ଓ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ହାରୁପୁରର କମଳାକାନ୍ତ ଜେନା ଏହିପରି ୬ ଜଣଙ୍କୁ ପୁଲିସ ଗିରଫ କରିଥିଲା। ସୂଚନା ଥାଉକି, ଶିବପ୍ରସାଦ ଜେନା ଓ ତାଙ୍କ ଭାଇ ଦେବେନ୍ଦ୍ର ଜେନାଙ୍କ ମଧ୍ୟରେ ଜାଗାବାଡ଼ିକୁ ନେଇ ଦୀର୍ଘଦିନ ହେଲା ବିବାଦ ରହିଥିଲା। ତେବେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କରିବା ପାଇଁ ଶିବପ୍ରସାଦ, ତାଙ୍କ ସ୍ତ୍ରୀ ମୀନତି ଓ ପୁଅ ଶ୍ରୀଧର ପ୍ରସ୍ତାବିତ ନିର୍ମାଣ ଜାଗାରେ ଥିବା ନଡ଼ିଆ ଗଛ କାଟିବା ପାଇଁ ଯାଇଥିଲେ। ଦେବେନ୍ଦ୍ର ଏକ ବାଉଁଶରେ ମୁଣ୍ଡକୁ ପିଟିଦେବାରୁ ଶ୍ରୀଧର ଗୁରୁତର ଆହତ ହୋଇଥିଲେ।

## ଅଧ୍ୟକ୍ଷାଙ୍କୁ ଚାପୁଡା ମାରି ନିଲମ୍ବିତ ହେଲେ ଅଧ୍ୟାପିକା

**ଭଦ୍ରକ, ୭।୭(ସମିସ):** ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁପ୍ରୀତି କରଙ୍କୁ ତାଙ୍କ ଦପ୍ତରରେ ଉର୍ଦ୍ଦୁ ଅଧ୍ୟାପିକା ନସିମା ଖାତୁନ ଚାପୁଡା ମାରିବା ପରେ କଲେଜ ପରିଚାଳନା ସମିତି ତାଙ୍କୁ ନିଲମ୍ବନ କରିଛି। ଅଧ୍ୟକ୍ଷା ସୁପ୍ରୀତି କର ଭଦ୍ରକ ଟାଉନ ଥାନାରେ ଦେଇଥିବା ଏତଲା ଅନୁଯାୟୀ ଶନିବାର ମଧ୍ୟାହ୍ନରେ ସେ ନିଜ କାର୍ଯ୍ୟାଳୟରେ ଥିବା ବେଳେ ସମ୍ପୃକ୍ତା ଉର୍ଦ୍ଦୁ ଅଧ୍ୟାପିକା ତାଙ୍କୁ ଏକ ଦରଖାସ୍ତ ଦେଇଥିଲେ। କାର୍ଯ୍ୟବ୍ୟସ୍ତ ଥିବା ଅଧ୍ୟକ୍ଷା ଶ୍ରୀମତୀ କର ଦରଖାସ୍ତଟିକୁ ନିଜ ଟେବୁଲ ଡ୍ରୟରରେ ରଖି ପରେ ଦେଖିବି ବୋଲି କହି ରଖିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଧ୍ୟାପିକା ନସିମା ଖାତୁନ୍ ଅଧ୍ୟକ୍ଷାଙ୍କୁ ଗାଳି ଗୁଲଜ କରିବା ସହ ଭୟଙ୍କର ଭାବେ ତାଙ୍କ ଗାଲକୁ ୩ଥର ଚାପୁଡା ମାରିଥିଲେ ବୋଲି ଅଭିଯୋଗ ହୋଇଛି। ଏନେଇ ଅଧ୍ୟକ୍ଷା ଟାଉନ ଥାନାରେ ଲିଖିତ ଏତଲା ଦେଇଥିଲେ। ପରେ ଆଜି ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ଅସୁରାଳି, ୭।୭(ସମିସ): ଧାମନଗର ବ୍ଲକ ନଦୀଗାଁ ପଞ୍ଚାୟତ ତିନିଘରିଆ ନିବାସୀ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଧର୍ମପତ୍ନୀ ବୁଦ୍ଧି ନାୟକ (୯୭)ଙ୍କର ଆଜି ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ଆଜି ସକାଳୁ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ମଧ୍ୟାହ୍ନରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଅତ୍ୟନ୍ତ ସ୍ନେହୀ, ପରୋପକାରୀ ତଥା ଧର୍ମପରାୟଣା ମହିଳା ଥିଲେ। ଅପରାହ୍ନ ୨ଟା ସମୟରେ ତାଙ୍କ ଶବ ତିନିଘରିଆ ଗ୍ରାମରେ ପହଞ୍ଚିବା ପରେ ଶୋକରଛାୟା ଖେଳିଯାଇଛି। ସେ ତାଙ୍କ ପଛରେ ୪ ପୁଅ ନାରାୟଣ, କରୁଣାକର, ଅଶୋକ ଓ ଗଣେଶ ସହ ପରିବାର ବର୍ଗଙ୍କୁ ଛାଡି ଚାଲିଯାଇଛି। ତାଙ୍କ ଶବାଧାରରେ ଅର୍ଜୁନ ପରିଡ଼ା, ଲୋକନାଥ ଦାସ, ଭାଗୀରଥି ଦାସ, ଅଙ୍କୁର କବି, ରବୀନ୍ଦ୍ର ନାୟକ, ଅଶୋକ ପଲାଇ, ବାଇନ ପଲାଇ, ନୃସିଂହ ଦାସ, ମନୋଜ ବସନ୍ତିଆ, ସମୀର ପରିଡ଼ା, ରତିକାନ୍ତ ପରିଡ଼ା, ଅଭିମନ୍ୟୁ ପରିଡ଼ାଙ୍କ ସମେତ ନଦୀଗାଁ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ତାଙ୍କ ପୁଅ ଅଶୋକ ନାୟକ ମୁଖାଗ୍ନି ଦେଇଥିଲେ।

## 'ଗୋଟିଏ ବୃକ୍ଷ କୋଟିଏ ଜୀବନ' ଅଭିଯାନ

**ଧାମନଗର, ୭।୭(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଚୁଡାକୁଟି ଅଧିନ ଇନ୍ଦ୍ରମଣି ସରକାରୀ ଉଚ୍ଚ ବିଦ୍ୟାଳୟ ବିଶିଗଡ଼ିଆ ଠାରେ ବନ ମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ବୃକ୍ଷ ରୋପଣ ଓ ସଚେତନତା ବାର୍ତ୍ତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାତ ଜେନାଙ୍କ ସଭାପତିତ୍ୱ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ବଳରାମ ମୁଖୀ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ସେଠୀ, ପ୍ରତାପ ଜେନା, ମହେଶ୍ୱର ମୁଦୁଲି, ଖଗେଶ୍ୱର ସମାଲ, ସ୍ଥାନୀୟ ସରପଞ୍ଚକସ୍ତୁରୀ ବାଳା ବିଶ୍ୱାଳ, ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ, ବରିଷ୍ଠ ବ୍ୟକ୍ତି ନରେନ୍ଦ୍ରପ୍ରସାଦ ଦାସ, ଦୁଷ୍ମନ୍ତ ସାହୁ, ଅଭିଭାବକ ସଂଘ ତରଫରୁ ବରୁଣ ଦାସ, ଭାଗିରଥି ଦାସ, ବଳରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ଗାହାଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟାପକ ପ୍ରଶାନ୍ତ ନାୟକଙ୍କ ସ୍ମୃତିଚାରଣ ସଭା

ଭଦ୍ରକ, ୭।୭(ସମିସ): ଭଦ୍ରକ ଲାଲାକାଳୀ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ଠାରେ ତିହିଡି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ସ୍ୱର୍ଗତ ପ୍ରଶାନ୍ତ ନାୟକଙ୍କ ଏକାଦଶାହ ସ୍ମୃତିଚାରଣ ସଭାରେ ଯୋଗଦେଇ ଅତିଥିମାନେ ସ୍ମୃତିଚାରଣ କରିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀଧର ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବା ବେଳେ ଆଇନଜୀବୀ ଗଦାଧର ବଳ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଲାଲକାଳୀ ସଙ୍ଗଠନ ସଭାପତି ଆଇନଜୀବୀ ଅରୁଣ କୁମାର ମହାନ୍ତି ସଭା ସଂଯୋଜନା କରିଥିବା ବେଳେ ମଞ୍ଚ ଆହ୍ୱାନ ଚନ୍ଦନ ଦାଶ, ମାନସ ମହାପାତ୍ର କରିଥିଲେ। ସନାତନ ନାୟକ କୃତଜ୍ଞତା ଅର୍ପଣ କରିଥିଲେ।






















# ବିରଜାକ୍ଷେତ୍ରରେ ରଥଯାତ୍ରା ଭକ୍ତ-ଭଗବାନଙ୍କ ମହାମିଳନ


ଯାଜପୁର


ହରିପୁର


ସୁକିନ୍ଦା


ଦଶରଥପୁର


ଯାଜପୁର ଟାଉନ


କୁଆଖିଆ

**ଯାଜପୁର, ୭।୭(ସମିସ):** ଯାଜପୁରରେ ବାସି ରଥଯାତ୍ରାର ପରମ୍ପରା ରହିଛି। ଏହି କ୍ରମରେ ଯାଜପୁର ସହରରେ ଥିବା ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରବିବାର ଅପରାହ୍ନରେ ରଥାରୁଢ଼ କରାଯାଇଛି। ସୋମବାର ଅପରାହ୍ନରେ ତିନି ରଥଙ୍କୁ ଜଗନ୍ନାଥ ବଡ଼ଦାଣ୍ଡରୁ ମାଉସୀମା' ମନ୍ଦିରକୁ ନିଆଯିବ। ସୁଭଦ୍ରା ରଥକୁ ମହିଳା ରଥ ଟାଣି ନେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମେ ନେତ୍ରୋତ୍ସବ କରାଯାଇ ପହଣ୍ଡି କାର୍ଯ୍ୟକ୍ରମ କରାଯାଇଥିଲା। ରବିବାର ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥକୁ ଅଣାଯାଇଥିଲା। ଏହି ସମୟରେ ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଗୀତା ଜାଗରଣ ପରିଷଦର ସଭାପତି ପ୍ରତୀମା କରଙ୍କ ପୌରୋହିତ୍ୟରେ ଏକ ଆଧ୍ୟାତ୍ମିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ତଥା ତହସିଲଦାର ଅରବିନ୍ଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରୀତିନୀତି ଅନୁସାରେ ସମସ୍ତ କାର୍ଯ୍ୟ ସମାପନ କରାଯାଇଥିଲା। ଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।

**ସୁକିନ୍ଦା:** ଏଠାରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଗୋଟିଏ ଦିନରେ ଶ୍ରୀଗୁଣ୍ଡିଚା ଯାତ୍ରା ସହ ନବଯୌବନ ବେଶ, ନେତ୍ର ଉତ୍ସବ ପଡ଼ିଥିବାରୁ ସମସ୍ତ କାର୍ଯ୍ୟ ବିଳମ୍ବରେ ସମ୍ପନ୍ନ ହୋଇଛି। ଦିନ ୧୧ଟା ସମୟରେ ଶ୍ରଦ୍ଧାଳୁ ପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ କରିଥିଲେ। ସେବାୟତ ରାଜା ସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ରଙ୍କୁ ଏକ ଶୋଭାଯାତ୍ରାରେ ମନ୍ଦିରରେ ପହଞ୍ଚାଇବା ପରେ ବ୍ରାହ୍ମଣ ସେବାୟତ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ। ପରେ ରାଜାସାହେବ ରଥ ଉପରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେ ପ୍ରଭୁଙ୍କ ରଥଟଣା ଆରମ୍ଭ ହୋଇଥିଲା। ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଦେବୋତ୍ତର ବିଭାଗ ମୁଖ୍ୟ ତଥା ତହସିଲଦାର ଦମୟନ୍ତୀ ସାହୁ ସମସ୍ତ ବ୍ୟବସ୍ଥା କରିଥିଲେ। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ ଟପୋ, ସୁକିନ୍ଦା ଥାନା ଅଧିକାରୀ, ଅତିରିକ୍ତ ତହସିଲଦାର, ବିଡିଓ ଅଭିଷେକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଚଳିତ ବର୍ଷ ନୂତନ ବିଗ୍ରହ ସ୍ଥାପନ ହୋଇଥିବାରୁ ପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ପୁରୁଷ ଓ ମହିଳା ଭକ୍ତଙ୍କ ସମାଗମ ହୋଇଥିଲା।

**ଜାରକା:** ଧର୍ମଶାଳା ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ୯ଦିନ ପାଇଁ ମାଉସୀ ମା' ଘରକୁ ଯାତ୍ରା କରିଛନ୍ତି। ଭାଲୁଖାଇସ୍ଥ ଜଗନ୍ନାଥ ମନ୍ଦିରରେ ସେବାୟତ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ପରେ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଧର୍ମଶାଳା ମୁନ୍‌ସୀମିଳନ କମିଟି ଓ ଜଗନ୍ନାଥ ମନ୍ଦିର କମିଟି ସଭାପତି ତପନ ନାୟକ ଛେରାପହଁରା କରିବା ପରେ ଅପରାହ୍ନ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ଏହି ଘୋଷଯାତ୍ରାରେ ଯୋଗଦେଇ ଠାକୁରଙ୍କ ଆଶିଷ ଲାଭ କରିଥିଲେ। ୧୬ନଂ ଜାତୀୟ ରାଜପଥ ଦେଇ ରଥ ଜାରକା ବଜାର, ବୁଦ୍ଧ ଛକ, ଶାନ୍ତିବଜାର, ଧର୍ମଶାଳା ବଜାର ଦେଇ ଧର୍ମଶାଳା ଥାନା ସମ୍ମୁଖରେ ପହଞ୍ଚିଥିଲା। ଆସନ୍ତାକାଲି ଏଠାରୁ ରଥ ଟଣାଯାଇ ହାଟପଡ଼ିଆସ୍ଥ ମାଉସୀମା ମନ୍ଦିରକୁ ନିଆଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ଜାରକା

**ଯାଜପୁର ଟାଉନ:** ଯାଜପୁର ବ୍ଲକ ଅନ୍ତର୍ଗତ ଜାଫରପୁର ପଞ୍ଚାୟତ ବଡତ୍ରିଲୋଚନପୁର ଗ୍ରାମରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ପ୍ରଶାନ୍ତ ପାଣି ଓ ସହଯୋଗୀ ଶ୍ରୀଜୀଉଙ୍କୁ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅପରାହ୍ନରେ ରଥାରୁଢ଼ କରାଯାଇ ରଥଟଣା କାର୍ଯ୍ୟ କରାଯାଇଥିଲା। କମିଟିର ସମ୍ପାଦକ ହୃଷୀକେଶ ନାୟକଙ୍କ ତତ୍ତ୍ୱାବଧାନରେ ନାରାୟଣ ଚନ୍ଦ୍ର ସାହୁ ଯୋଗଦେଇ ରଥଦାଣ୍ଡରେ ଛେରାପହଁରା କରିଥିଲେ। ଏହି ରଥଯାତ୍ରାରେ କଳିନ୍ଦ୍ରାବାଦ, ମୁଗୁଡି, ସଇପୁର, ଜଳହରା ସମେତ ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମ୍ପାଦନ କରିବା ପାଇଁ ମନ୍ଦିର ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ପୁଲିସ ମୁତୟନ କରାଯାଇଥିଲା।

**ଦଶରଥପୁର/ କୟାଁଗୋଲା:** ପବିତ୍ର ଶ୍ରୀଗୁଣ୍ଡିଚା ଉପଲକ୍ଷେ ଦଶରଥପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାରିଗାଁ, କୁଟୁରିଆ, ସିଦ୍ଧେଶ୍ୱର, ମଲ୍ଲିକାପୁର, ବରହଟା, ଇଜାପୁର, ଝୁମ୍ପୁରୀ, ଖାନନଗର, ଛତ୍ରପଡ଼ା ଦଶରଥପୁର, ଖଣ୍ଡରା, ଥାଳକୁଡ଼ି, ତଳିହା, ରାମବାଗ, ବିରଜାପୁର, ବିଜିପୁର ଆଦି ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ନାରିଗାଁସ୍ଥ ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପ୍ରାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ସେବାୟତ ଓ ସହଯୋଗୀ ପ୍ରତ୍ୟୁଷରୁ ଶ୍ରୀବିଗ୍ରହଙ୍କ ବିଶେଷ ପୂଜାର୍ଚ୍ଚନା କରିଥିଲେ। ପରେ ଛେରା ପହଁରାରେ ତିନି ଠାକୁରଙ୍କୁ ରଥାରୁଢ଼ କରାଯାଇଥିଲା। ମଙ୍ଗଳପୁର ଥାନାର ଆରକ୍ଷୀ ବାହିନୀ ଓ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ମନ୍ଦିର କମିଟିର ପ୍ରମୁଖ କର୍ମକର୍ତ୍ତା ସୁବାସ ରାଉତ, ଅକ୍ଷୟ ବଳ, ପ୍ରମୋଦ ସ୍ୱାଇଁ, ନରେନ୍ଦ୍ର ରାଉତ, ଜିତେନ୍ଦ୍ର ବିଶ୍ୱାଳ, ପ୍ରହଲ୍ଲାଦ ମଲ୍ଲିକ, ବିଜ୍ଞାନ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ନାରୀଗାଁ ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ପୁରସ୍କୃତ କରାଯାଇଥିଲା। ମନ୍ମଥ ଧଳ ଡିଗ୍ରୀ କଲେଜର ପ୍ରତିଷ୍ଠାତା ବିଜୟ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପରମେଶ୍ୱର ମିଶ୍ର ଯୋଗ ଦେଇଥିଲେ। ସେହିପରି ଜୟନ୍ତରା ପଞ୍ଚାୟତ କୁଟୁରିଆ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଖଣ୍ଡରା ସାହୁ ସାହି ପକ୍ଷରୁ ଅନୁଷ୍ଠିତ ହେଉଥିବା ରଥଯାତ୍ରା ୭୭ ବର୍ଷରେ ପହଞ୍ଚିଥିବାବେଳେ ଚଳିତ ବର୍ଷ ଏହି ରଥଯାତ୍ରା ଅପରାହ୍ନ ୪ଟାରୁ ଆରମ୍ଭ ହୋଇଥିଲା। ଏହି ରଥଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ରଥ ଟାଣିଥିଲେ।

**ହରିପୁର/କୁଆଖିଆ:** ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ଇଚ୍ଛାପୁର ଜଗନ୍ନାଥ ମନ୍ଦିର, ନରସିଂହପୁରର ହରିପୁର ଜଗନ୍ନାଥ ମଠ, ବାରବାଟୀର ବେତଣ୍ଡା ଜଗନ୍ନାଥ ମନ୍ଦିର, ସିଂହାପୁର ଜଗନ୍ନାଥପୁର ଗ୍ରାମର ଜଗନ୍ନାଥ ମନ୍ଦିର, ରସୁଲପୁର ଚଣ୍ଡିପୁର ଜଗନ୍ନାଥ ମନ୍ଦିର, ବାହାଦଲାପରୁ ପଞ୍ଚାୟତର ସୁଧର୍ମା ମଠ ଭଳି ବହୁ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଉତ୍ସାହ ଓ ଉଦ୍ଦିପନା ରଥଦାଣ୍ଡକୁ ଲୋକାରଣ୍ୟ କରିଦେଇଥିଲା।

## ଯୁବକଙ୍କ ମୃତ୍ୟୁ ଘଟଣା; ପୁଲିସ ହାତ ଖାଲି

**ଜାରକା, ୭।୭(ସମିସ):** ଧର୍ମଶାଳା ଥାନା କୋତପୁର ପଞ୍ଚାୟତ ଭଗବାନପୁରଠାରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ୩୦ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ କାହାକୁ ଗିରଫ କରିପାରିନି। ଯାହାକୁ ନେଇ ମୃତ ଯୁବକଙ୍କ ପରିବାର ଓ ଅରାବଳ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଅରାବଳ ଗ୍ରାମର ଅଜୟ ସାମଲଙ୍କ ପୁଅ ପବିତ୍ର ସାମଲ (୨୪) ଶୁକ୍ରବାର ରାତିରେ ଉଠି ଭଗବାନପୁର ଗ୍ରାମକୁ ଯାଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପବିତ୍ର ସାମଲ ୩ ବର୍ଷ ଧରି ଭଗବାନପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଇଆସୁଥିଲେ। ସେ ସେଠାକୁ ଯାଇଥିବାବେଳେ ଯୁବତୀର ପରିବାର ତାଙ୍କୁ ହତ୍ୟା କରିଥିବା ମୃତ ଯୁବକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଦୋଷୀଙ୍କୁ ଗିରଫ ଦାବିରେ ଅରାବଳ ଗ୍ରାମବାସୀ ବରୁହାଁ-ବାଳିଚନ୍ଦ୍ରପୁର ରାସ୍ତାର କେଲୁଅ ସେତୁ ଉପରେ ରାସ୍ତା ଅବରୋଧ କରିଥିଲେ। ପୁଲିସର ପ୍ରତିଶ୍ରୁତି ପରେ ଅବରୋଧ ହଟିଥିଲା। ତେବେ ଧର୍ମଶାଳା ପୁଲିସ କାହାକୁ ଗିରଫ କରିପାରିନାହିଁ। ଘଟଣାର ସଠିକ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅରାବଳ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ଗ୍ୟାସ୍‌ରେ ପୋଡ଼ି ହୋଇ ମହିଳା ଗୁରୁତର

**ବ୍ରହ୍ମବରଦା, ୭।୭ (ସମିସ):** ବ୍ରହ୍ମବରଦା ପଞ୍ଚାୟତ ହାଜିନଗର ଗ୍ରାମ ୨ ନମ୍ବର ୱାର୍ଡର ଜଣେ ମହିଳା ଗ୍ୟାସ ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଛି। ସେକ୍ କଲିମଙ୍କ ପତ୍ନୀ ମସୋଦା ବିବି(୪୭) ଆଜି ସକାଳେ ଗ୍ୟାସରେ ଜଳଖିଆ ପ୍ରସ୍ତୁତ କରୁଥିବାବେଳେ ହଠାତ ଗ୍ୟାସ ଚୁଲାରୁ ନିଆଁ ଉଠାଯାଇଥିଲା। ସଙ୍ଗେ ସଙ୍ଗେ ଗ୍ୟାସ ପାଇପ ସହିତ ଟାଙ୍କିରେ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲ ନେଇଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**ସୁକିନ୍ଦା, ୭।୭(ସମିସ):** ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟରେ ଦୁର୍ଘଟଣା ଘଟି ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଭୁବନ ଥାନା ଅନ୍ତର୍ଗତ କୁନିନ୍ଦା ପଞ୍ଚାୟତ ଅଧୀନ କେନ୍ଦୁପଡ଼ା ଗ୍ରାମର ସଂଗ୍ରାମ ପୁହାଣ ବାଇକରେ କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଘରକୁ ଫେରୁଥିବା ସମୟରେ ସୁକିନ୍ଦା ଛକ ନିକଟ ରାସ୍ତା ଅବରୋଧ ସ୍ଥାନରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ସଂଗ୍ରାମଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଶ୍ରୀଜଗନ୍ନାଥ ଚେତନା ପରିଷଦର ବାର୍ଷିକୋତ୍ସବ



**ଯାଜପୁର, ୭।୭(ସମିସ):** ଯାଜପୁର ଦଶାଶ୍ୱମେଧ ଘାଟରେ ଥିବା ଜଗନ୍ନାଥ ମନ୍ଦିରର ବଡ଼ଦାଣ୍ଡରେ ଶ୍ରୀଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ରବିବାର ବାର୍ଷିକୋତ୍ସବ ସହ ଭଜନ ସମାରୋହ କରାଯାଇଥିଲା। ଏଥିରେ ଚେତନା ପରିଷଦର ସଭାପତି ସନ୍ତୋଷ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଯାଜପୁର ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ସମରଜିତ ମହାନ୍ତି, ଅରୁଣ ରାଉତରାୟ, ତପନ ମହାରଣ୍ୟ ନାଥଶର୍ମା, ଅଧ୍ୟାପକ କାହ୍ନୁଚରଣ ମିଶ୍ର ପ୍ରମୁଖ ଯୋଗଦେଇ ଜଗନ୍ନାଥପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଜଗନ୍ନାଥ ସେବା କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନିଆରା ରଥଯାତ୍ରା, ରାଣୀଙ୍କ ଛେରାପହଁରା



**କବାଟବନ୍ଧ/ଚଢ଼େଇଧରା, ୭।୭ (ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର ଐତିହାସିକ ମଧୁପୁରଗଡ଼ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜା ରାଜୁଡ଼ା ଶାସନ ସମୟରୁ ଏହା ଆରମ୍ଭ ହୋଇ ଚଳିତ ବର୍ଷ ୨୧୪ ବର୍ଷରେ ପଦାର୍ପଣ କରିଛି। ପୁରୀ ଶ୍ରୀମନ୍ଦିରର ରୀତିନୀତି ଅନୁଯାୟୀ ଏଠାରେ କଳାଠାକୁରଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସମାପ୍ତ ହୋଇଛି। ୧୮୦୮ରେ ତତ୍କାଳୀନ ମଧୁପୁରଗଡ଼ ରାଜା ସୁଦର୍ଶନ ଧୀର ନରେନ୍ଦ୍ରଙ୍କ ଦ୍ୱାରା ଏଠାରେ ରଥଯାତ୍ରା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଅଦ୍ୟାବଧି ୫ ପିଢ଼ି ଧରି ରାଜବଂଶୀୟ ପରମ୍ପରାରେ ଏହା ପାଳନ କରାଯାଉଛି। ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ନିର୍ମିତ ଏହି ମନ୍ଦିରରେ ୨୨ ପାହାଚ, ମେଘନାଦ ପାଚେରୀ ରହିଛି। ପିଢ଼ି ପରେ ପିଢ଼ି ରାଜପୁରୋହିତଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଛି। ବର୍ତ୍ତମାନ ଏହି ପୂଜା କାର୍ଯ୍ୟ ରାଜପୁରୋହିତ ନୀଳମର ପତି ଓ ପଣ୍ଡିତ ଶ୍ରୀନିବାସ ପଛ, ଟୁନା ପଣ୍ଡା, ଯୋଗେନ୍ଦ୍ର ପଣ୍ଡା ଓ ସନବ ପଣ୍ଡା ସମ୍ପନ୍ନ କରୁଛନ୍ତି। ପରମ୍ପରା ଅନୁଯାୟୀ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରଥଟଣା ଆରମ୍ଭ ପରେ ଏଠାରେ ରଥଟଣା ହୋଇଥାଏ। ରାଜମାତା ଅପର୍ଣ୍ଣା ଧୀର ମହାପ୍ରଭୁଙ୍କ ଛେରା ପହଁରା ସେବା କରିବା ସହିତ ଅନ୍ୟାନ୍ୟ ଦାୟିତ୍ୱ ସମ୍ପନ୍ନ କରୁଛନ୍ତି।

୧୮୦୮ରୁ ୧୮୪୭ ମସିହା ପର୍ଯ୍ୟନ୍ତ ରାଜା ସୁଦର୍ଶନ ଧୀର ସିଂ ନରେନ୍ଦ୍ର ମଧୁପୁରଗଡ଼ର ପ୍ରଥମ ରାଜା ଭାବେ ରାଜ୍ୟଭାର ଗ୍ରହଣ କରିଥିଲେ। ସେହି ସମୟରେ ପ୍ରଥମେ ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ରାମଚନ୍ଦ୍ର ଧୀର ନରେନ୍ଦ୍ର, କୃଷ୍ଣଚନ୍ଦ୍ର ଧୀର ନରେନ୍ଦ୍ର, ନାରାୟଣ ଚନ୍ଦ୍ର ଧୀର ନରେନ୍ଦ୍ର, ବୃନ୍ଦାବନ ଧୀର ନରେନ୍ଦ୍ର, କୃଷ୍ଣଚନ୍ଦ୍ର ଧୀର ନରେନ୍ଦ୍ର ସିଂ ପ୍ରମୁଖ ଏହାର ଦାୟିତ୍ୱ ସମ୍ପାଦନ କରୁଥିଲେ। ପରେ ୨୦୦୭ରୁ ରାଣୀ ଅପର୍ଣ୍ଣା ଧୀର ସିଂ ଭରଦ୍ୱାଜ ଏହାର ଦାୟିତ୍ୱ ତୁଲାଇବା ସହ ରଥଯାତ୍ରା ଆୟୋଜନ କରୁଛନ୍ତି। ଅପରାହ୍ନରେ ମହାପ୍ରଭୁଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ କରାଯାଇଥିଲା। ଶଙ୍ଖ, ଘଣ୍ଟା, ବାଦ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁ ଏଠାରେ ଉପସ୍ଥିତ ଥିଲେ।

## 'ମୋ ସ୍କୁଲ ଅଭିଯାନ' କମିଟି ପକ୍ଷରୁ ମେଧା ସମ୍ମାନ ସମାରୋହ



**ବିଂଝାରପୁର, ୭।୭ (ସମିସ):** ବିଂଝାରପୁର ବ୍ଲକ ଗୁହାଳି ପଞ୍ଚାୟତର ଗୋବିନ୍ଦପୁରସ୍ଥ ଏଜିଆଇ ହାଇସ୍କୁଲରେ 'ମୋ ସ୍କୁଲ ଅଭିଯାନ' କମିଟି ପକ୍ଷରୁ ମେଧା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମୋ ସ୍କୁଲ ଅଭିଯାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ଦାସ, ଅବସରପ୍ରାପ୍ତ ଶିକ୍ଷକ ବାମନ ଚରଣ ମିଶ୍ର, ମୋ ସ୍କୁଲ ଅଭିଯାନ କମିଟି ସଭାପତି ଧନେଶ୍ୱର ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଶରତ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥିଙ୍କ ସମେତ ଅନ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଇଥିବାବେଳେ ୧୫ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ୨୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ଧଳ, ନିରଞ୍ଜନ ସାହୁ, ସମାଜସେବୀ ଚନ୍ଦ୍ରଶେଖର ଧଳ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର କର୍ମଚାରୀ ଓ ସ୍ମୃତିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୁସୁମା କଟେଜକୁ ରଙ୍ଗଶାଳା ଆଖ୍ୟା ପ୍ରସଙ୍ଗ

## ବିକାଶ ରୋକିବାକୁ ଅସ୍ମିତା ଉପରେ ଆକ୍ରମଣ ଷଡ଼ଯନ୍ତ୍ର

**ଯାଜପୁର, ୭।୭(ସମିସ)**

ଯାଜପୁର ପ୍ରାଚୀନ ଓଡ଼ିଶାର ପ୍ରଥମ ରାଜଧାନୀ। ରାଜ୍ୟର ସର୍ବପୁରାତନ ପୌରପାଳିକା। ଏହି ସହର ରାଜ୍ୟର ଅନ୍ୟ ସହର ତୁଳନାରେ ଯେତିକି ବିକାଶ ହେବା କଥା, ତାହା ହୋଇପାରି ନ ଥିଲା। ଉପଯୁକ୍ତ ନେତୃତ୍ୱର ଅଭାବ ହେଉ ଅବା ଅନ୍ୟାନ୍ୟ ସହଯୋଗର ଅଭାବ ଯୋଗୁଁ ଏହି ସହରର ବିକାଶ ହୋଇପାରି ନ ଥିଲା। ଫଳରେ ପୌରପାଳିକା ବିକଶିତ ହୋଇ ନ ପାରି ଗାଁ ଭଳି ପରିବେଶ ରହିଥିଲା। ୧୯୯୩ରେ ଯାଜପୁର ଜିଲ୍ଲା ଅବିଭକ୍ତ କଟକ ଜିଲ୍ଲାଠାରୁ ଅଲଗା ହେବା ପରେ ଯାଜପୁର ସହରକୁ ସଦର ମହକୁମାର ମାନ୍ୟତା ମିଳିଥିଲା। ସେବେଠାରୁ ଆଶା କରାଯାଉଥିଲା ଯାଜପୁର ସହରର ବିକାଶ ହେବ। କିନ୍ତୁ ତାହା ସମ୍ଭବ ହୋଇପାରି ନ ଥିଲା। ଜଣେ ପରେ ଜଣେ ବିଧାୟକ ରହିଥିଲେ ସତ, କିନ୍ତୁ ଦୂରଦୃଷ୍ଟି ଅଭାବ ଯୋଗୁଁ ଯାଜପୁର ସହର ଗାଁର ଚିତ୍ରରୁ ଉପରକୁ ଉଠିପାରି ନ ଥିଲା। ୨୦୦୯ରେ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ ସମୟରେ ଯାଜପୁର ନିର୍ବାଚନମଣ୍ଡଳୀ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହେବା ଓ ପ୍ରଥମଥର ବିଜୁ ଜନତା ଦଳରୁ ପ୍ରଣବ ପ୍ରକାଶ ଦାସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ତତ୍କାଳୀନ ପ୍ରଭାବଶାଳୀ ନେତା ସ୍ୱର୍ଗତ କଳ୍ପତରୁ ଦାସଙ୍କ ସହଯୋଗ କ୍ରମେ ଯାଜପୁର ସହର ସମେତ ସମଗ୍ର ନିର୍ବାଚନମଣ୍ଡଳୀର ବିକାଶ କାର୍ଯ୍ୟ ଆରମ୍ଭ କରିଥିଲେ। ନିଜ ଭିତରେ ଥିବା ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ଯୋଗୁଁ ଦଳର ସୁପ୍ରିମୋଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଦଳୀୟ ସଂଗଠନକୁ ମଜବୁଦ କରିବା ସହିତ ଗତ ୧୦ ବର୍ଷ ମଧ୍ୟରେ ଯାଜପୁର ସହରର ନକ୍‌ସା ପରିବର୍ତ୍ତନ କରିବାରେ ସକ୍ଷମ ହୋଇଛନ୍ତି ପ୍ରଣବ। କୁସୁମା ଭଳି ଏକ ଜାତୀୟ ସ୍ତରର ପ୍ରକଳ୍ପ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଏଥିସହିତ ଯାଜପୁରକୁ ମେଡିକାଲ କଲେଜ ଆଣିବା, ଇଣ୍ଡୋର ଷ୍ଟାଡ଼ିୟମ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ମା' ବିରଜାଙ୍କ ପରିକ୍ରମା ପ୍ରକଳ୍ପ, ବରାହ କ୍ଷେତ୍ରର ବିକାଶ ଭଳି ଅନେକ ମେଗା ପ୍ରକଳ୍ପ ହାତକୁ ନେଇ ସହରକୁ ବିକଶିତ କରିପାରିଛନ୍ତି। ଏଥିସହିତ ଦଶାଶ୍ୱମେଧ ଘାଟରେ ବ୍ୟାରେଜ କରି ହରିଦ୍ୱାର ଭଳି ଏଠାରେ ପ୍ରତ୍ୟେକ ସନ୍ଧ୍ୟାରେ ଆଳତୀ କରିବା ପାଇଁ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ନିକଟରେ ବିଜୁ ଜନତା ଦଳର ସରକାର ଚାଲିଯିବା ପରେ କୁଚକ୍ରି ଗୋଷ୍ଠୀ ଯାଜପୁରରେ ହେଉଥିବା ବିକାଶକୁ ରୋକିବା ପାଇଁ ନାନା ଅପପ୍ରଚାର ଚଳାଇଥିବା ଲକ୍ଷ୍ୟ କରାଯାଉଛି।

ଯଦିଓ ବିରୋଧ ପାଇଁ କୌଣସି ଠୋସ ପ୍ରମାଣ ନ ଥିବାରୁ ବିରୋଧୀ ଦଳ ଆଗକୁ ନ ଆସି କେତେକ ହାତଗଣତି ଗଣମାଧ୍ୟମକୁ ଏଥିପାଇଁ ବ୍ୟବହାର କରୁଥିବା ଚର୍ଚ୍ଚା ହେଉଛି। ବାରମ୍ବାର ଗୋଟିଏ ମିଥ୍ୟାକୁ ପ୍ରଚାର କରି ସହରବାସୀଙ୍କ ମନରେ ବିଷ ମଞ୍ଜି ବୁଣିବା ଲକ୍ଷ୍ୟରେ ଏଭଳି ବିଭ୍ରାନ୍ତି କରାଯାଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଏଭଳି ହେଲେ ଯାଜପୁରରେ ଚାଲୁଥିବା ବିକାଶମୂଳକ କାର୍ଯ୍ୟକୁ ରୋକାଯାଇପାରିବ ଓ ସେଥିରେ ବିରୋଧୀ ସଫଳ ହେବେ ବୋଲି ଯୋଜନା ରହିଛି। କାରଣ କୁସୁମା କଟେଜ ପ୍ରକଳ୍ପକୁ ନେଇ ଖୋଦ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନ ନିଜର ସ୍ପଷ୍ଟ ମତ ଦେଇସାରିବା ପରେ ତାକୁ ନେଇ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରାଯାଉଛି। କୌଣସି ପ୍ରକଳ୍ପ ପାଇଁ ସିଏସଆର ଫଣ୍ଡ ବ୍ୟବହାର ସେତେବେଳେ ସମ୍ଭବ ହୋଇପାରିବ, ଯେତେବେଳେ ଜିଲ୍ଲାପାଳ ଏଥିପାଇଁ ଇଚ୍ଛା ପ୍ରକାଶ କରିବା ସହିତ ଅନୁମୋଦନ କରିବେ। ଏହି କୁସୁମା ପ୍ରକଳ୍ପ ପାଇଁ ୮ କୋଟି ଟଙ୍କା ସିଏସଆର ଫଣ୍ଡ ବ୍ୟବହାର ହୋଇଥିବା ଜିଲ୍ଲାପାଳ କହିବା ପରେ ମଧ୍ୟ ଏହାକୁ କିଭଳି ଅନୁମତି ମିଳିଲା ଭଳି ହାସ୍ୟାସ୍ପଦ ପ୍ରଶ୍ନ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ପ୍ରଶ୍ନ କରୁଛି। ସିଏସ୍‌ଆର ଫଣ୍ଡରୁ ଆସିଥିବା ଅର୍ଥକୁ କ୍ରୀଡ଼ା ବିଭାଗର ଉନ୍ନତିକଳ୍ପେ ଯାଜପୁର ପୌରପାଳିକା ଜାଗା ଉପରେ ଖର୍ଚ୍ଚ କରାଯାଇଛି। ଏହାକୁ ନେଇ ତୁମ୍ଫିତୋଫାନ କରିବାର କ'ଣ ଆବଶ୍ୟକତା ରହିଛି ବୋଲି ସାଧାରଣରେ ପ୍ରଶ୍ନ କରାଯାଉଛି।

ଯାଜପୁରର ବିକାଶକୁ ରୋକିବା ପାଇଁ ଅସ୍ମିତା ଉପରେ ଆକ୍ରମଣ କରାଯାଉଛି। ଯେଉଁ ପ୍ରକଳ୍ପ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି, ତାକୁ ରଙ୍ଗଶାଳାର ଆଖ୍ୟା ଦେଇ ଜିଲ୍ଲାର ଅସ୍ମିତା ଉପରେ ଆକ୍ରମଣ ଜାରି ରହିଛି। ଯାହାର ଜବାବ ଦେବା ପାଇଁ ଯାଜପୁର ନାଗରିକ ସଂଘ ଚେତାବନୀ ଦେଇଛି। ଯେକୌଣସି ସମୟରେ ଅସ୍ମିତା ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନକୁ ଜବାବ ଦେବା ପାଇଁ ନାଗରିକ ସଂଘ ପ୍ରସ୍ତୁତ ଥିବା କୁହାଯାଇଛି।

### ହରିବୋଲ କ୍ଷେତ୍ରରେ ଗଡ଼ିଲା ତିନି ରଥ

# ଛେରାପହଁରା କଲେ ଜିଲ୍ଲାପାଳ

ଭଦ୍ରକ, ୭ ।୭ (ସମିସ)

ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ହରିବୋଲ କ୍ଷେତ୍ର ଭଦ୍ରକ ବ୍ଲକ କେଶପୁର ଠାରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ପବିତ୍ର ଘୋଷଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ପୂର୍ବ ପ୍ରସ୍ତୁତି ଅନୁଯାୟୀ ସକାଳ ୬ଟାରୁ




### ● ସୁଭଦ୍ରାଙ୍କ ରଥକୁ ଟାଣିଲେ ମହିଳା

ଦ୍ୱାରପାଳ ପୂଜା ପରେ ପରେ ନିର୍ଦ୍ଧାରିତ ସମୟସୂଚୀ କ୍ରମେ ସୂର୍ଯ୍ୟପୂଜା, ରଥ ସଂସ୍କାର ଧ୍ୱଜାରୋପଣ, ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ରଥରେ ଅର୍ପଣ, ମହାପ୍ରଭୁଙ୍କର ସ୍ନାନ ଓ ପୂଜନ କାର୍ଯ୍ୟକ୍ରମ ପରେ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତିନିରଥ ଉପରେ ପବିତ୍ର ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ । ଛେରାପହଁରା କାର୍ଯ୍ୟକ୍ରମ ପରେ ଚାରମାଳ ଫିଟାଯାଇ ରଥଟଣା ଆରମ୍ଭ ହୋଇଥିଲା । ଘଣ୍ଟଘଣ୍ଟା, ସଂକୀର୍ତ୍ତନ, ହରିବୋଲ ହୁଳହୁଳିରେ ଘୋରଘୋର ନାଦରେ ରଥ ଗଡ଼ିଥିଲା । ମାତା ସୁଭଦ୍ରା ଦେବୀଙ୍କ ଦେବଦଳନ ରଥକୁ ସ୍ୱତନ୍ତ୍ର ଭାବରେ ମହିଳାମାନଙ୍କ ଦ୍ୱାରା ଟଣାଯାଇଥିଲା । ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଆନୁକୂଲ୍ୟରେ ସମ୍ପାଦକ ଶରତ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଧାରା ବିବରଣୀ ପ୍ରଦାନ କରାଯାଇଥିଲା । ସଭାପତି ପଣ୍ଡିତ ଭାଗୀରଥି ନନ୍ଦଶର୍ମା, ପୁରୀରୁ ତପସ୍ୱିନୀ ପାଢ଼ୀ, ଖୋର୍ଦ୍ଧାର ପଣ୍ଡିତ ଲଳିନ ମୋହନ ମିଶ୍ର, ଢେଙ୍କାନାଳରୁ ସରୋଜିନୀ ପାତ୍ର, ଭଦ୍ରକର ବିଶ୍ୱମୈତ୍ରୀ ନାୟକ ଓ ହରିହର ଦାସ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ । ସୟା, ମାଧପୁର, ବାଲିଛତ୍ରୀ, ବାସୁଦେବପୁର ଅଞ୍ଚଳରୁ ୨ଟି ମହିଳା ଓ ୫ଟି ପୁରୁଷ ସଂକୀର୍ତ୍ତନ ଦଳ ରଥଟଣାରେ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସହ ପୁଲିସ୍, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏହି ଯାତ୍ରାରେ ଯୋଗଦେଇଥିଲେ । ଶାନ୍ତି ଶୃଙ୍ଖଳାର ସହ ତିନିରଥ ଟଣାଯାଇ ସନ୍ଧ୍ୟା ସୁଦ୍ଧା ତିହିଡ଼ି ବ୍ଲକ ଗୁଆମାଳର ମୋଡ଼ସାହି ସ୍ଥିତ ମାଉସୀ ବାଡ଼ିରେ ପହଞ୍ଚିଥିଲା । ବେନ୍ତାଳ ପଞ୍ଚାୟତ ସମିତିସଭ୍ୟ ସରୋଜ କୁମାର ପଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତାଭାବେ ଶ୍ରୀଧର ପୁହାଣ, ନଗେନ୍ଦ୍ର ପ୍ରସାଦ ଦାଶ, ବଳରାମ ପଣ୍ଡା, ସଂଜୀବ ସାହୁ, ରଘୁନାଥ ପଣ୍ଡା, ପୂଜକ ଜଗନ୍ନାଥ ପଣ୍ଡା ପ୍ରମୁଖ ଏହି ରଥଯାତ୍ରାର ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

### ● ସାଳନ୍ଦୀ ବାଇପାସ୍ ଶ୍ରୀଜଗନ୍ନାଥ ମନ୍ଦିର

## ୩୯ ବର୍ଷ ହେଲା ଛେରାପହଁରା କରୁଛନ୍ତି ଯନ୍ତ୍ରୀ



**ଭଦ୍ରକ, ୭ ।୭ (ସମିସ):** ଭଦ୍ରକ ସହର ସାଳନ୍ଦୀ ବାଇପାସ୍ ରାସ୍ତାରେ ରହିଛି ଶ୍ରୀଜଗନ୍ନାଥଙ୍କ ମନ୍ଦିର । ଆଉ ଏହି ମନ୍ଦିରରେ ନିୟମିତ ଭାବେ ରଥଯାତ୍ରା ମହା ଆଡମ୍ବର ସହକାରେ ପାଳିତ ହୁଏ । ତେବେ ଏହି ରଥଯାତ୍ରାରେ ନିଆରା ପରମ୍ପରା ହେଉଛି ଦୀର୍ଘ ୩୯ବର୍ଷ ହେବ ରଥଯାତ୍ରାରେ ଛେରାପହଁରା ଜଣେ ଯନ୍ତ୍ରୀ ବା ଇଂଜିନିୟର କରିଥାନ୍ତି ।

ସୂଚନାଯୋଗ୍ୟ, ଭଦ୍ରକ ସାଳନ୍ଦୀ କେନାଲ ଡିଭିଜନ ପ୍ରଚେଷ୍ଟାରେ ବାଇପାସ୍ ରୋଡ୍‌ରେ ଗତ ୧୯୮୫ମସିହାରେ ପ୍ରତିଷ୍ଠା ହୋଇଛି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର । ଏହି ମନ୍ଦିରର ସବୁ ରୀତିନୀତି ସହ ରଥଯାତ୍ରା ବି ପାଳିତ ହୁଏ । ଅନେକ ଭକ୍ତଙ୍କ ସହାୟତା ଥିଲେ ବି ମନ୍ଦିର ପ୍ରତିଷ୍ଠା ଓ ପରିଚାଳନାରେ ସାଳନ୍ଦୀ କେନାଲ ଡିଭିଜନ କର୍ତ୍ତୃପକ୍ଷଙ୍କ ସିଂହଭାଗ ଅବଦାନ ରହିଥାଏ । ପ୍ରଥମେ ସାଳନ୍ଦୀ କେନାଲ ଡିଭିଜନର ନିର୍ବାହୀଯନ୍ତ୍ରୀ ଇଂ.ମୁରଲୀଧର ଧଳଙ୍କ ଅମଳରେ ରଥଯାତ୍ରା ଆରମ୍ଭ ହୋଇଥିଲା । ପର୍ଯ୍ୟାୟକ୍ରମେ ସବୁ ବର୍ଷ ହୋଇ ଆସୁଥିବା ବେଳେ କାର୍ଯ୍ୟରତ ଜଣେ ବିଭାଗୀୟ ଯନ୍ତ୍ରୀ ଛେରାପହଁରା କରିଥାନ୍ତି । ସେବାୟତଙ୍କ ପୋଷାକ ପରିଧାନ କରିବା ସହ ନିରାମିଷ ଭୋଜନ କରି ରଥଯାତ୍ରାରୁ ବାହୁଡା ଯାତ୍ରାରେ ସେ ନିଷ୍ଠାର ସହ ରହିଥାନ୍ତି । ଏବର୍ଷ ରଥଯାତ୍ରାରେ ପୂର୍ବ ବର୍ଷମାନଙ୍କ ଭଳି ଆସିଷ୍ଟାଣ୍ଟ ଇଞ୍ଜିନିୟର ଇଂ.ଦୁର୍ଗାପ୍ରସନ୍ନ ତ୍ରିପାଠୀ ଆଜି ଅପରାହ୍ନରେ ରୀତିନୀତି ଅନୁଯାୟୀ ଛେରାପହଁରା କରିବା ପରେ ଶ୍ରୀଜୀଉଙ୍କ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ହଜାର ହଜାର ସଂଖ୍ୟକ ପୁରୁଷ, ମହିଳା ଶ୍ରଦ୍ଧାଳୁ ଏହି ରଥଟଣାରେ ସାମିଲ ହୋଇଥିଲେ । ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ, ଏସ୍‌ଡିଓ ରାଇକନ ବେହେରା, ଆଇନଜୀବୀ ଅତିସ କୁମାର ବେହେରା ଓ ସମାଜସେବୀ ଅଶୋକ ଦ୍ୱିବେଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସାଳନ୍ଦୀ ବାଇପାସ୍ ଛକସ୍ଥିତ ମାଉସୀମାଙ୍କ ମନ୍ଦିରରେ ରଥ ସନ୍ଧ୍ୟାରେ ଆସି ପହଞ୍ଚିଥିଲା ।





ବାସୁଦେବପୁର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତର ରଥଯାତ୍ରାରେ ରଥାରୂଢ଼ ଶ୍ରୀଜୀଉ

## ଭଣ୍ଡାରିପୋଖରୀରେ ରଥଯାତ୍ରା

**ଭଣ୍ଡାରିପୋଖରୀ, ୭।୭ (ସମିସ):** ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଜୁରୀ ବଳଦେବଜୀଉ ମନ୍ଦିରରେ ଅନୁଷ୍ଠିତ ଘୋଷଯାତ୍ରାରେ ଚୌଧୁରୀ ଦେବପ୍ରସାଦ ରାୟମହାପାତ୍ର ଛେରାପହଁରା କରିଥିଲେ । ଅଧିକାରୀ ପ୍ରଫୁଲ୍ଲ ଦାସ, ଫକିର ଚରଣ ଧଳ, ପୂଜକ ଗଦାଧର ମିଶ୍ର ଓ ରଘୁନାଥ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ, ସୁଶାନ୍ତ ମଲ୍ଲିକଙ୍କ ସମେତ ଗ୍ରାମବାସୀ ଯାତ୍ରାକାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି ବ୍ଲକର କୁରାଢ଼ିଆପଦା ଜଗନ୍ନାଥ ମନ୍ଦିର ଓ କୁରିଗାଁଠାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା । ନାଆମୀ ପଞ୍ଚାୟତର ସୋଲାପୁର ଶ୍ରୀଜଗନ୍ନାଥ ମନ୍ଦିରରେ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ଛେରାପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ । ବୟାବନାପୁର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଭରତ ଚନ୍ଦ୍ର ମହାଲିକଙ୍କ ସହ ଗ୍ରାମବାସୀ ବିଧିମତେ ରଥଯାତ୍ରା ସମ୍ପାଦନା କରିଥିଲେ । ସ୍ଥାନୀୟ ସରପଞ୍ଚ ମିନତୀ ସାହୁ ପ୍ରମୁଖ ରଥଟଣା କାର୍ଯ୍ୟ ତଦାରଖ କରିଥିଲେ । ଏକବୋଲା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ତେସିଙ୍ଗା ପଞ୍ଚାୟତର ବନସ୍ତା, କୁରିଗାଁ, ଝୁଟଣା ଓ ରାଜେନ୍ଦ୍ରପୁର ପଞ୍ଚାୟତର ଅଗେଇବେହେରା, ରାଜେନ୍ଦ୍ରପୁର, ଦେଓପଦା, ରାମଚନ୍ଦ୍ରପୁର ପଞ୍ଚାୟତର ସଁପୋଇ, ମୋବାରକପୁର, ମାଳଦା, ଚତୁର୍ଭୁଜପୁର ଆଦି ସ୍ଥାନରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଛି ।



## ଆଗରପଡ଼ାରେ ଘୋଷଯାତ୍ରା

**ବନ୍ତ/ଆଗରପଡ଼ା, ୭।୭ (ସମିସ):** ଜିଲ୍ଲାରେ ଅନ୍ୟତମ ସର୍ବପୁରାତନ ପ୍ରସିଦ୍ଧ ଘୋଷଯାତ୍ରା ଆଗରପଡ଼ା ଠାରେ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ଶ୍ରୀଜୀଉମାନଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ କରାଯାଇଥିଲା । ଠାକୁରରାଜାଙ୍କ



ବଡ଼ପୁଅ ସୁପ୍ରିମକୋର୍ଟ ଆଡ଼ଭୋକେଟ ଜଗତମୋହନ ସିଂହ ରୌପ୍ୟ ଖଡ଼ିକାରେ ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ସନ୍ଧ୍ୟା ସୁଦ୍ଧା ରଥ ମାଉସୀ ମା’ ମନ୍ଦିର ନିକଟରେ ପହଞ୍ଚିବା ପରେ ପୁଣି ପହଣ୍ଡିରେ ଶ୍ରୀଜୀଉମାନେ ଭିତରକୁ ବିଜେ କରିଥିଲେ । ଥାନା ଆଇଆଇସିଙ୍କ ନେତୃତ୍ୱରେ ପୁଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା । ସେହିପରି ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ଆକର୍ଷଣର କେନ୍ଦ୍ରବିନ୍ଦୁ ୩ କୁନି ରଥ

**ଅସୁରାଳି, ୭ ।୭ (ସମିସ):** ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କୋରୁଆ ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଠାରେ ୩ଟି ରଥ ନିର୍ମାଣ କରାଯାଇଛି । ଅସୁରାଳି ସରପଞ୍ଚ ମିନତି ସାହୁଙ୍କ ନେତୃତ୍ୱରେ ବହୁ ମହିଳା ଦେବୀ ସୁଭଦ୍ରାଙ୍କ ରଥକୁ ଟାଣିଥିଲେ । ବହୁ ମହିଳା ଘୋଷଯାତ୍ରାରେ ଯୋଗ ଦେଇଥିଲେ । ସ୍ଥାନୀୟ ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତତ୍ତ୍ୱାବଧାରକ ଶ୍ରୀଧର ନାଥଙ୍କ ପୁତ୍ର ସିଦ୍ଧାର୍ଥ ଶେଖର ନାଥଙ୍କ ସଂଯୋଜନାରେ ଏହି ରଥଯାତ୍ରା ଅନୁଷ୍ଠିତ ହୋଇଥିଲା ।



ସେହିପରି ଗୋବିନ୍ଦପୁର ଡିହସାହିରେ ରାଜା ଫକୀର ମୋହନ ଜେନା ଛେରାପହଁରା କରିଥିଲେ । ଗୋବିନ୍ଦପୁର ପାଟଣାସାହିରେ ମଧ ଅନୁରୂପ ଭାବେ ବହୁ ଭକ୍ତଙ୍କ ସମାଗମରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହା ଛଡ଼ା ସହିଦ୍ ନଗର, କୋଠାର, ଅସୁରାଳି, ଧୂଷୁରୀ, ନଦୀଗାଁ, ରହିପୁର ପ୍ରଭୃତି ସ୍ଥାନରେ ହଜାର ହଜାର ଭକ୍ତଙ୍କ ସମାଗମରେ ଘୋଷ ଯାତ୍ରା ହୋଇଥିଲା ।

## ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଟାଣିଲେ ରଥ



**ଭଦ୍ରକ, ୭।୭ (ସମିସ):** କେବଳ ପୁରୀ ନୁହେଁ, ଆଜିର ଦିନରେ ଆମ ରାଜ୍ୟର ବହୁ ସ୍ଥାନରେ ଏହି ପବିତ୍ର ରଥଯାତ୍ରା ନାନା ରଙ୍ଗ ଓ ଢଙ୍ଗରେ ପାଳିତ ହୋଇଆସୁଛି । ସେଥିରୁ ବାଦ୍ ପଡ଼ିନାହିଁ ବନ୍ଦୀଙ୍କ କାରାଗାର । ଭଦ୍ରକର ସ୍ୱତନ୍ତ୍ର କାରାଗାରରେ ଆଜି ପାଳିତ ହୋଇଯାଇଛି ଜଗନ୍ନାଥଙ୍କର ପବିତ୍ର ଘୋଷଯାତ୍ରା । ଏହି ରଥଯାତ୍ରାର ବିଶେଷତ୍ୱ ହେଲା ଉଭୟ ମହିଳା ଓ ପୁରୁଷ ବନ୍ଦୀମାନେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସାମିଲ ହୋଇଥାନ୍ତି । ଆଜି ଅପରାହ୍ନ ୪.୩୦ରେ ଜେଲ ପରିସରରେ କାରା ଅଧିକ୍ଷକ ରଷିନାଥ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଏହି ପବିତ୍ର ଉତ୍ସବ । ଚଳିତ ବର୍ଷ ଜେଲ ମଧ୍ୟରେ ଥିବା ଡାକ୍ତରଖାନାର ୧ନମ୍ବର ହଲ୍ ଓ ୭ନମ୍ବର ସେଲ୍‌ଫ ହୋଇଥିଲା ଜଗନ୍ନାଥ ମନ୍ଦିର ଏବଂ ମାଉସୀ ମା’ ବାଡ଼ି । ପ୍ରଥମେ ପୂର୍ବ ରୀତି-ନୀତି ଅନୁଯାୟୀ ୧ନମ୍ବର ସେଲ୍‌ଫରେ ଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତିକୁ ପହଣ୍ଡି ବିଜେ ପରେ ଅନ୍ତେବାସୀ ନୀଳମଣି ଦାସ ଛେରାପହଁରା କରିବାପରେ ବନ୍ଦୀଭାଇ ଓ ଭଉଣୀ ରଥକୁ ଟାଣି ଟାଣି ୭ନମ୍ବର ସେଲ୍‌ଫର ମାଉସୀ ମା’ ବାଡ଼ିକୁ ନେଇଥିଲେ । ଏହି ରଥ ଟଣାରେ କେବଳ ଯେ ହିନ୍ଦୁ ଜାତିର ବନ୍ଦୀ ଓ ବନ୍ଦିନୀ ଭାଗ ନେଇଥିଲେ ତାହା ନୁହେଁ, ବହୁ ମୁସଲମାନ ଭକ୍ତ ମଧ୍ୟ ଏହି ଯାତ୍ରାରେ ଅଂଶଗ୍ରହଣ କରି ନିଜକୁ ଧନ୍ୟ ମନେ କରିଥିଲେ । ସବୁଠାରୁ ବଡ଼ କଥା ହେଲା ଏହି କାରାଗାରର ସମସ୍ତ ବନ୍ଦୀମାନେ ବାହୁଡ଼ା ପର୍ଯ୍ୟନ୍ତ ୯ଦିନ ବ୍ୟାପୀ ଶାକାହାରୀ ହେବା ସହ ଅରୁଆ ଅନ୍ନ ଗ୍ରହଣ କରିଥାନ୍ତି । କାରା ଅଧିକ୍ଷକ ଶ୍ରୀ ନାୟକଙ୍କ କହିବା ଅନୁସାରେ ରାଜ୍ୟଠାରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ବନ୍ଦୀଙ୍କ କ୍ଷେତ୍ରରେ ବହୁ ସଂସ୍କାର ଆଣୁଥିବାବେଳେ ଏହି ରଥଯାତ୍ରା ସେମାନଙ୍କ ମନ ପରିବର୍ତ୍ତନରେ ନିଶ୍ଚୟ ସହାୟକ ହେବ ।’ ଏହି ରଥ ଉତ୍ସବରେ ମହିଳା କାରାରକ୍ଷୀ କଳ୍ପନା ବେହେରା, ଜମାଦାର ସୁରେନ୍ଦ୍ର ସାମଲ, ସବ୍ ଆସିଷ୍ଟାଣ୍ଟ ଜେଲର ନିନିବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୋବଲର ବିଭିନ୍ନ ସ୍ଥାନରେ ଘୋଷଯାତ୍ରା

**ଦୋବଲ, ୭ ।୭ (ସମିସ):** ଦୋବଲ ଜୋନର ବିଭିନ୍ନ ସ୍ଥାନରେ ଚତୁର୍ଦ୍ଧା ମର୍ତ୍ତି ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି । ଗୋହିରାଟିକିରି, ଆନନ୍ଦପୁରସ୍ଥିତ ଜଗନ୍ନାଥ ମନ୍ଦିର, ଦୋବଲ ବଜାର, ଜାହାଙ୍ଗୀର, କୋଳେଇପଦା, ସୋଧ ଆଦି ସ୍ଥାନମାନଙ୍କରେ ରଥଯାତ୍ରା ଅନୁଷ୍ଠିତ ହୋଇଛି । ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପୂଜାର୍ଚ୍ଚନା କରାଯିବା ପରେ ପହଣ୍ଡିରେ ତିନି ଦିଅ ରଥାରୁଢ ହୋଇଥିଲେ । ରଥରେ ତିନି ଠାକୁରଙ୍କୁ ରିତିନିତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ଶ୍ରଦ୍ଧାଳୁମାନେ ରଥଟାଣି ଗୁଣ୍ଡିଚା ମନ୍ଦିରକୁ ନେଇଥିଲେ । ବିଶେଷ କରି ଆନନ୍ଦପୁରରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ମାନେ ରଥଟାଣି ଥିବାରୁ ସେଠାରେ



ବହୁ ସଂଖ୍ୟକ ମହିଳା ଭକ୍ତଙ୍କ ସମାଗମ ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଥିଲା ।

## ମାଉସୀ ମା’ ଘରକୁ ଗଲେ ଶ୍ରୀଜୀଉ

**ଆରଡ଼ି, ୭ ।୭ (ସମିସ):** ପବିତ୍ର ରଥଯାତ୍ରା ପାଇଁ ଉତ୍ସବମୁଖର ହୋଇ ଉଠିଥିଲା ସମଗ୍ର ଆରଡ଼ିପୀଠ । ପୀଠରେ ଥିବା ଜଗନ୍ନାଥ ମନ୍ଦିର ସମେତ ଧନିପାଢ଼ୀ ସାହି, ପୁଷ୍ପାଳକ ସେବକ ରଣା ସାହିରେ ଶ୍ରୀଗୁଣ୍ଡିଚା ନୀତି ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି ।



ସକାଳୁ ଦ୍ୱାରଫିଟା ନୀତି ସହିତ ମଙ୍ଗଳ ଆଳତି, ମହାସ୍ନାନ, ସିଂହାର ବେଶ କରାଯାଇ ରଥ ପ୍ରତିଷ୍ଠା କରାଯାଇଥିଲା । ଅପରାହ୍ନରେ ଗୋଟି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥରେ ବିଜେ କରାଯାଇଥିଲା । ପରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ରଥ ଟାଣି ନେଇ ମାଉସୀ ମା’ ଘରକୁ ନେଇଯାଇଥିଲେ ।

## ସବୁଠି ରଥ-ପଥ-ଭକ୍ତ ଏକାକାର

**ବାରିକପୁର, ୭ ।୭ (ସମିସ):** ଆଜି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ଗାଁଠୁ ପଲ୍ଲୀ ଓ ସହରଠୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଉଛି ଗଗନ ପବନ । ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଧାମ ପୁରୀ ଠାରେ ଆଜି ଘୋଷଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେଉଥିବା ବେଳେ ଓଡ଼ିଶାର କୋଣଅନୁକଣରେ ମଧ ରଥ ଉପରେ ବିଜେ କରିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି । ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ସ୍ଥିତ ପ୍ରସିଦ୍ଧ ବଳଦେବ କ୍ଷେତ୍ରରେ ରଥଯାତ୍ରା ମହାସମାରୋହରେ ପାଳନ ହୋଇଛି । ସନ୍ଧ୍ୟା ୬ଟାରେ ରଥାରୁଢ଼ ହୋଇଛନ୍ତି ମହାପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା । ପାରମ୍ପରିକ ଭାବେ ଦଇତାପତି ଛେରାପହଁରା କରିବା ପରେ ଭକ୍ତ ମାନେ ମାଉସୀ ମା’ ବାଡ଼ି ଯାଏଁ ରଥକୁ ଟାଣି ନେଇଛନ୍ତି ।



ମହାପ୍ରଭୁଙ୍କ ଉତ୍ସବ ଦେଖିବା ପାଇଁ ନିକଟ ପର୍ବତୀ, ଲକ୍ଷ୍ମୀସାଗର, ମଣାଗଡ଼ିଆ, ଖଡ଼ିଶିଙ୍ଗା, ମାଳଦା, ରାଢୋ, ଜୋରାଗଡ଼ିଆ, ନପଙ୍ଗ, ମାଳିପଦୀ, ସିମିଳିଆ, ଭାଗଡ଼ା, ସଂପୋଇ, ବାଙ୍କମୁହାଁ, କୁମ୍ଭାରୀଆ, ବାଲିପୋଖରୀ, ରଘୁନାଥପୁର, ଜଗନ୍ନାଥପ୍ରସାଦ, ଆଖୁଆପଦା, ପୁରୀପଡ଼ା, ଡାହାଲା ପ୍ରମୁଖ ଗ୍ରାମର ଶହ ଶହ ଶ୍ରଦ୍ଧାଳୁ ବଳଦେବ କ୍ଷେତ୍ରରେ ଏକତ୍ରିତ ହୋଇଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । ସେହିଭଳି ସରସଦା ପଞ୍ଚାୟତ ଏକବୋଲା ଏବଂ ବୟାଁ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଛି । ବିଦ୍ଧିମତେ ପୂଜାର୍ଚ୍ଚନା ହୋଇସାରିବା ପରେ ଗ୍ରାମବାସୀ ମାନେ ରଥ ଟାଣିଛନ୍ତି । ଅନୁରୂପ ଭାବେ ବ୍ଲକର ସୋଲପରା, ବରକୋଳିପଦୀ, ରାଜେନ୍ଦ୍ରପୁର, କୋଟସିରା, ଦେଓପଦା, ବାରିକପୁର, ବିଷ୍ଣୁପୁର, ରହଣିଆ, ଚତୁର୍ଭୁଜପୁର, ବିରୋଳି, ମଣିନାଥପୁର, କୁରିଗାଁ ପ୍ରମୁଖ ସ୍ଥାନ ମାନଙ୍କରେ ଭାବ ଉଦ୍ଦୀପନାର ସହିତ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାଯାଇଛି ।

### ଉତ୍ତରବାହିନୀ ଓ ଭଦ୍ରକାଳୀରେ ରଥଯାତ୍ରା

# ଅତିରିକ୍ତ ଜିଲ୍ଲାପାଳ କଲେ ଛେରାପହଁରା

ଭଦ୍ରକ, ୭ ।୭ (ସମିସ)

ଜିଲ୍ଲାର ଅନ୍ୟତମ ପ୍ରାଚୀନ ସଦାବର୍ତ୍ତ ମଠ ଟ୍ରଷ୍ଟ ଅଧୀନ ଉତ୍ତରବାହିନୀ ଶ୍ରୀଜଗନ୍ନାଥ ମନ୍ଦିରରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଅପରାହ୍ନରେ ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ମନ୍ଦିର ଟ୍ରଷ୍ଟ ମ୍ୟାନେଜର ସୂର୍ଯ୍ୟମଣି ନାୟକ, ସୁଧାକର ରାଉତ, ରବିନାରାୟଣ ବେଉରିଆ, ନିଧିରାମ ପୃଷ୍ଟି, ସ୍ମୃତିରଞ୍ଜନ ସ୍ୱାଇଁ ଓ ରାଜକିଶୋର ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ଅନୁରୂପ ଭାବେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ଭଦ୍ରକାଳୀଙ୍କ ପୀଠର ପାର୍ଶ୍ୱ ଦେବତା ମହାପ୍ରଭୁ ଜଗନ୍ନାଥଙ୍କର ମହାସମାରୋହରେ ରଥଟଣା କାର୍ଯ୍ୟ ସଂପାଦନା ହୋଇଛି । ଭଦ୍ରକାଳୀଙ୍କ ପାର୍ଶ୍ୱ ଦେବତା ଭାବେ ଅବସ୍ଥାପିତ ମହାପ୍ରଭୁ ଜଗନ୍ନାଥଙ୍କ ସକାଳ ୬ଟାରେ ମଙ୍ଗଳ ଆଳତି ସରିବା ପରେ ସ୍ନାନ, ଧୂପଦୀପ ଭୋଗ ଆଦି ରୀତିନୀତି ହୋଇଥିଲା । ତିନି ଠାକୁରଙ୍କର ପହଣ୍ଡି ବିଜେ ପରେ ସେବାୟତମାନେ ଠାକୁରଙ୍କୁ ରଥାରୂଢ କରାଇଥିଲେ । ଭୂୟାଁରାଜ ବଂଶର ପ୍ରଦୀପ ରାୟଙ୍କ ଦ୍ୱାରା ରଥର ଛେରାପହଁରା କରାଯାଇଥିଲା । ମନ୍ଦିର ମୁଖ୍ୟ ଗୋସାଇଁଙ୍କ ଦ୍ୱାରା ରଥରେ କଳସ ପୂଜା ସହ ରଥ ପ୍ରତିଷ୍ଠା ହୋଇଥିଲା । ପରେ ବଳଭଦ୍ର ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରଥାରୂଢ କରାଯାଇ ରଥ ଟଣା ଆରମ୍ଭ ହୋଇ ମାଉସୀ ମା’ ମନ୍ଦିରରେ ପହଞ୍ଚିଥିଲା । ସେହିଭଳି ଭଦ୍ରକ ନରୀପୁର ସ୍ଥିତ କ୍ଷମାସାଗରଜୀଉ ମଠ ପରିସରରେ ଥିବା ଶ୍ରୀଜଗନ୍ନାଥ, ନୂଆବଜାର, କୁଆଁସ, ଗବସାହି, ଚରମ୍ପା ଆଦି ସ୍ଥାନରେ ରଥଟଣା କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି ।




